# NATIONAL NEWS BULLETIN (ODIA)

## 14th December - 2025

## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଆଜି ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବିକଶିତ ରାଷ୍ଟ୍ରରେ ପରିଣତ ହେଉଛି, କହିଲେ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ।
- ହୃଦ୍‌ଘାତଜନିତ ଅତ୍ୟାଧୁନିକ ନୂତନ ଚିକିତ୍ସା ଉପକରଣ ସୁପର୍‌ନୋଭା ଷ୍ଟେଣ୍ଟ୍‌ର କ୍ଲିନିକାଲ୍ ପରୀକ୍ଷା କଲା ଏମ୍‌ସ୍ ।
- ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଏଲେସ୍‌ଙ୍କ ସମେତ ୧୨୩ ଜଣ ବନ୍ଦୀଙ୍କୁ ମୁକ୍ତ କଲା ବେଲାରୁଷ୍ ।

ଏବଂ

- ହିମାଚଳ ପ୍ରଦେଶର ଧର୍ମଶାଳାରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-ଟ୍ୱେଣ୍ଟି ସିରିଜର ତୃତୀୟ ମ୍ୟାଚ୍ ।

## ପ୍ରେସିଡେଣ୍ଟ - ଏନର୍ଜି ଡେ

ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରିବେ । ଏହି ଅବସରରେ ନୂଆଦିଲ୍ଲୀରେ ଶ୍ରୀମତୀ ମୁର୍ମୁ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ।

ଦେଶରେ ଶକ୍ତି ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଏବଂ ଦେଶର ସଫଳତାକୁ ନାଗରିକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୪ ତାରିଖରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏହି ଦିବସରେ ବିଭିନ୍ନ ଶିଳ୍ପସଂସ୍ଥା, ପ୍ରତିଷ୍ଠାନ ଏବଂ ଅନ୍ୟ ସଙ୍ଗଠନଗୁଡ଼ିକୁ ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଅପଚୟ ହ୍ରାସ ନେଇ ୭ଟି ବର୍ଗ ଓ ୨୮ଟି ଉପବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଏହି ପୁରସ୍କାର ପାଇଁ ୬୮୦ଟି ଆବେଦନ

ଆସିଥିଲା । ଆଜିର କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ମନୋହର ଲାଲ୍ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଜେ.ପି. ନଡ୍ଡା - ସିମ୍ଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଦିଗରେ ଅଗ୍ରସର ହେଉଛି ଏବଂ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେଉଥିବା ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ର ଜଗତ୍‌ପ୍ରକାଶ ନଡ୍ଡା କହିଛନ୍ତି । ଗତକାଲି ହିମାଚଳ ପ୍ରଦେଶରେ ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟର ଶିଳାନ୍ୟାସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ନଡ୍ଡା କହିଛନ୍ତି, ସାରା ଦେଶରେ ନିର୍ମାଣ ହେଉଥିବା ବି.ଜେ.ପି. କାର୍ଯ୍ୟାଳୟଗୁଡ଼ିକ କେବଳ କୋଠା ନୁହେଁ, ବରଂ ଏହା ଦେଶର ମୂଲ୍ୟବୋଧ ଓ ନୀତିକୁ ପରିପ୍ରକାଶ କରୁଛି । ସେ କହିଛନ୍ତି, ଯେତେବେଳେ କଂଗ୍ରେସ ଏବଂ ଅନ୍ୟ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ କୌଣସି ଆଦର୍ଶ ରହିଲା ନାହିଁ, ସେହି ସମୟରେ ବି.ଜେ.ପି. ନିଜର ନୀତି ଓ ଆଦର୍ଶକୁ ସମ୍ବଳ କରି ଅଗ୍ରସର ହେଉଛି । ସେ କହିଛନ୍ତି, କେନ୍ଦ୍ର ସରକାର ୱାକଫ୍ ବୋର୍ଡ଼ ଅଧିନିୟମରେ ସଂଶୋଧନ ଏବଂ ତିନ୍ ତଲାକ ବ୍ୟବସ୍ଥାକୁ ଉଚ୍ଛେଦ କରି ମୁସ୍‌ଲିମ୍ ସମ୍ପ୍ରଦାୟକୁ ଆଶ୍ୱସ୍ତି ପ୍ରଦାନ କରିଛି ।

# ସିନ୍ଧିଆ - ପୋଷ୍ଟମ୍ୟାନ୍

ଡାକ କର୍ମଚାରୀମାନେ କେବଳ ଚିଠିପତ୍ର ପ୍ରଦାନ କରନ୍ତି ନାହିଁ; ବରଂ ଦେଶର ପ୍ରତ୍ୟେକ ଘରକୁ ବ୍ୟାଙ୍କ୍, ବୀମା ଏବଂ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥା'ନ୍ତି ବୋଲି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ଡାକ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି ଶ୍ରୀ ସିନ୍ଧିଆ କହିଛନ୍ତି, ସେମାନେ ଗ୍ରାମୀଣ ଭାରତ ଓ ଦେଶର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଗତକାଲି କୋହ୍ଲାପୁରରେ ଗୋଆ ଏବଂ ପୁନେ ଅଞ୍ଚଳର ୬ ହଜାରରୁ ଅଧିକ ଗ୍ରାମୀଣ ଡାକସେବକମାନଙ୍କୁ ସମ୍ବୋଧିତ କରି ଶ୍ରୀ ସିନ୍ଧିଆ କହିଛନ୍ତି, ଭାରତର ଡାକ ବ୍ୟବସ୍ଥା ବିଶ୍ୱରେ ଅନନ୍ୟ । ପ୍ରତ୍ୟେକ ଦିନ ୧ ଲକ୍ଷ ୬୫ ହଜାର ଡାକଘର ମାଧ୍ୟମରେ ପ୍ରାୟ ୬ ଲକ୍ଷ ୫୦ ହଜାର ଗ୍ରାମରେ ସେବା ପ୍ରଦାନ କରାଯାଉଛି । ବର୍ତ୍ତମାନର ଡାକସେବାରେ ନବସୃଜନ, ଆତ୍ମବିଶ୍ୱାସ ଏବଂ ମୂଲ୍ୟଯୁକ୍ତ ସେବାକୁ ଅଗ୍ରାଧିକାର ଦିଆଯାଉଛି ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଡାକିୟା ଅବ୍ ବ୍ୟାଙ୍କ ଲାୟା' ବାର୍ତ୍ତା ଆଧାରରେ ଭାରତୀୟ ଡାକ ଏବେ ଦେଶବାସୀଙ୍କ ମଧ୍ୟରେ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣର ଏକ ବିଶ୍ୱାସଯୋଗ୍ୟ ମାଧ୍ୟମ ପାଲଟିଛି ।

# ଦିଲ୍ଲୀ - ସ୍କୁଲ୍‌ସ୍

ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ପ୍ରତି ବାୟୁର ମାନ ଅତ୍ୟନ୍ତ ଖରାପ ଥିବା ହେତୁ ନବମ ଓ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାୟୁ ମାନ ପରିଚାଳନା କମିଶନରଙ୍କ ନିଷ୍ପତ୍ତିକ୍ରମେ ଶିକ୍ଷା ନିର୍ଦ୍ଦେଶାଳୟ ଏହି ବ୍ୟବସ୍ଥା ଗ୍ରହଣ କରିଛି । ଗତକାଲି ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ, ଏନ୍.ଡି.ଏମ୍.ସି., ଏମ୍.ସି.ଡି. ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ଼ ଅଧୀନସ୍ଥ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ ଘରୋଇ ବିଦ୍ୟାଳୟଗୁଡ଼ିକ ନିମନ୍ତେ ଏହା ପ୍ରଯୁଜ୍ୟ ହେବ । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକରେ ଶାରୀରିକ ଶିକ୍ଷା ଏବଂ ଅନ୍‌ଲାଇନ୍ ଶ୍ରେଣୀ ଶିକ୍ଷାଦାନ କରାଯିବା ନିଷ୍ପତ୍ତି ନିଆଯାଇଛି ।

ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପୂର୍ବଭଳି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ । ବାୟୁ ପ୍ରଦୂଷଣ ସୂଚକାଙ୍କ ଚତୁର୍ଥ ପର୍ଯ୍ୟାୟରେ ଥିବା ହେତୁ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ଅଣଆବଶ୍ୟକ ପ୍ରଦୂଷିତ ଟ୍ରକ୍‌କୁ ଦିଲ୍ଲୀ ମଧ୍ୟକୁ ପ୍ରବେଶ ନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ବାୟୁ ମାନ ସୂଚକାଙ୍କ ରାଜଧାନୀର କେତେକ ଅଞ୍ଚଳରେ ୪ ଶହ ଅତିକ୍ରମ କରିଥିବାରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଦିଲ୍ଲୀ ସରକାର ଇତିମଧ୍ୟରେ ସମସ୍ତ ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ଘରେ ରହି ଅଫିସ୍ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଏମ୍ସ୍. - ସୁପରନୋଭା

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ - ଏମ୍ସ୍, ନୂଆଦିଲ୍ଲୀ ପକ୍ଷରୁ ହୃଦ୍‌ଘାତଜନିତ ଅତ୍ୟାଧୁନିକ ନୂତନ ଚିକିତ୍ସା ଉପକରଣ 'ସୁପରନୋଭା' ଷ୍ଟେଣ୍ଟର ପ୍ରଥମ କ୍ଲିନିକାଲ୍ ପରୀକ୍ଷଣ କରାଯାଇଛି । ଦେଶର ବହୁ ସଂଖ୍ୟାର ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ହୃଦ୍‌ରୋଗୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସୁପରନୋଭା ବିକଶିତ କରାଯାଇଛି । ଏହାକୁ ଘରୋଇ ଭାବେ ବ୍ୟବହାର କରାଯାଇପାରିବ ବୋଲି ମଧ୍ୟ କୁହାଯାଇଛି । ଦକ୍ଷିଣ-ପୂର୍ବ ଏସିଆରେ ଏହି ଯନ୍ତ୍ରଦ୍ୱାରା ୩ ଶହରୁ ଅଧିକ ରୋଗୀଙ୍କ ହୃଦ୍‌ଜନିତ ସମସ୍ୟାର ସଫଳ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି । ଏମ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ଦେଶରେ ସୁପରନୋଭା ଷ୍ଟେଣ୍ଟ ପ୍ରସ୍ତୁତ କରାଯିବ, ଯାହାଫଳରେ ପ୍ରତ୍ୟେକ ବର୍ଷ ହୃଦ୍‌ଜନିତ ସମସ୍ୟା ଭୋଗୁଥିବା ୧୭ ଲକ୍ଷରୁ ଅଧିକ ନାଗରିକ ଉପକୃତ ହୋଇପାରିବେ ।

## ସେଲ୍ - ଡାଟା

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ - ସେଲ୍'ର ବିକ୍ରିରେ ଗତ ମାସରେ ୨୭ ପ୍ରତିଶତ ବୃଦ୍ଧି ଘଟିଛି । ଗତବର୍ଷ ଏହି ସମୟରେ ବିକ୍ରି ପରିମାଣ ଶୂନ ଦଶମିକ ଶୂନ ଆଠ ଚାରି ମିଲିୟନ୍ ଟନ୍ ଥିବାବେଳେ ଗତମାସରେ ଏହା ଅଣସ୍ତରି ପ୍ରତିଶତ ବୃଦ୍ଧି ପାଇ ଶୂନ ଦଶମିକ ଏକ ଚାରି ମିଲିୟନ୍ ଟନ୍‌ରେ ପହଞ୍ଚିଛି । ସୂଚନା ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ୍‌ରୁ ନଭେମ୍ବର ମାସରେ ସେଲ୍‌ର ବିକ୍ରି ପୂର୍ବବର୍ଷ ସମାନ ସମୟ ତୁଳନାରେ ୧୪ ପ୍ରତିଶତ ବୃଦ୍ଧି ପାଇ ୧୨ ଦଶମିକ ୭ ମିଲିୟନ୍ ଟନ୍‌ରେ ପହଞ୍ଚିଛି । ୨୦୨୪ ମସିହା ଏପ୍ରିଲ୍ ଓ ନଭେମ୍ବର ମଧ୍ୟରେ ବିକ୍ରି ପରିମାଣ ୧୧ ଦଶମିକ ୧ ମିଲିୟନ୍ ଟନ୍ ରହିଥିଲା । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଇସ୍ପାତ କ୍ଷେତ୍ରର ବିଭିନ୍ନ ବର୍ଗରେ ଉତ୍ପାଦନ ଏବଂ ବଣ୍ଟନ ସହ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଯୋଗୁଁ ଏହି ସଫଳତା ମିଳିଥିବା କୁହାଯାଇଛି ।

## ବେଲାରୁଷ୍ - ଫ୍ରିଡ୍ ପ୍ରିଜନରସ୍

ବେଲାରୁଷ୍ ପ୍ରଶାସନ ୧୨୩ ଜଣ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି । ମୁକ୍ତ ହୋଇଥିବା ବନ୍ଦୀଙ୍କ ମଧ୍ୟରେ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଏଲେସ୍

ବାୟଲିୟାସ୍ତିକୀ ଅଛନ୍ତି । ଦେଶର ସାର ରପ୍ତାନୀ ଉପରେ ଆମେରିକାଦ୍ୱାରା କରାଯାଇଥିବା ସହମତି ପରେ ଏହି ବନ୍ଦୀମାନଙ୍କୁ ମୁକ୍ତ କରାଯାଇଥିବା କୁହାଯାଇଛି । ବେଲାରୁଷ ୨୦୨୪ ଜୁଲାଇ ପରଠାରୁ ଶହ ଶହ ବନ୍ଦୀମାନଙ୍କୁ ମୁକ୍ତ କରିବା ପ୍ରକ୍ରିୟା ଜାରି ରଖିଛି । ସୂଚନା ଅନୁଯାୟୀ ରୁଷର ସହଯୋଗୀ କୁହାଯାଉଥିବା ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାସେଙ୍କୋ ପ୍ରାୟ ୩ ଦଶନ୍ଧି ହେବ ଦେଶର ଶାସନ ଦାୟିତ୍ୱରେ ଅଛନ୍ତି ।

## ଟ୍ରମ୍ପ୍ - ସିରିଆ

ସିରିଆରେ ୨ ଜଣ ଆମେରିକୀୟ ସୈନ୍ୟ ଏବଂ ଜଣେ ସାଧାରଣ ନାଗରିକଙ୍କୁ ଇସ୍‌ଲାମିକ୍ ଷ୍ଟେଟ୍ ସଙ୍ଗଠନର ବନ୍ଧୁକଧାରୀ ହତ୍ୟା କରିଥିବା ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ ସୂଚନା ଦେଇଛନ୍ତି । ଏହି ଆକ୍ରମଣରେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ଏହାକୁ ଆଇ.ଏସ୍.ଆଇ.ଏସ୍. ଆକ୍ରମଣ ବୋଲି କହିଛନ୍ତି । ଆହତ ୩ ଜଣ ଆମେରିକୀୟ ସୈନିକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ସୂଚନା ମିଳିଛି । ବଶାର ଅଲ୍‌-ଅସାଦ୍ ସାମ୍ରାଜ୍ୟର ପତନ ପରେ ସିରିଆରେ ଏହା ହେଉଛି ଆମେରିକୀୟଙ୍କ ଉପରେ ପ୍ରଥମ ଆକ୍ରମଣ ।

ସିରିଆ ସରକାର ଏକ ବିବୃତ୍ତି ଜରିଆରେ ଏହି ଆକ୍ରମଣକୁ ନିନ୍ଦା କରିଥିବାବେଳେ ସେଠାକାର ସ୍ଥାନୀୟ ଗଣମାଧ୍ୟମ ସିରିଆର ୨ ଜଣ ସୈନିକ ଆହତ ହୋଇଥିବା ଜଣାଇଛନ୍ତି । ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରି ନ ଥିବାବେଳେ ଆମେରିକାସ୍ଥିତ ସିରିଆ ମାନବାଧିକାର ନିରୀକ୍ଷଣ ସଂସ୍ଥା ପକ୍ଷରୁ ଏହି ଆକ୍ରମଣ ସରିଆର ସୁରକ୍ଷା ବଳଦ୍ୱାରା କରାଯାଇଥିବା କୁହାଯାଇଛି । ସୂଚନାଯୋଗ୍ୟ ୨୦୧୫ ପରଠାରୁ ଆମେରିକାର ସେନା ସିରିଆରେ ଆଇ.ଏସ୍. ବିରୋଧରେ ଅଭିଯାନସ୍ୱରୂପ ସେଠାକାର ସେନାକୁ ପ୍ରଶିକ୍ଷଣ ଦେଉଛି ।

## ପଞ୍ଜାବ - ଜିଲ୍ଲା ଇଲେକ୍ସନ୍ସ

ପଞ୍ଜାବ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ନିର୍ବାଚନ ଆଜି ସକାଳ ୮ଟାରେ ଅନୁଷ୍ଠିତ ହେବ । ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୯ ହଜାରରୁ ଊର୍ଦ୍ଧ୍ୱ ପ୍ରତିଦ୍ୱନ୍ଦ୍ୱୀ ଏହି ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି । ଶାସକ ଦଳ ଆପ୍ ସମେତ କଂଗ୍ରେସ, ଶିରୋମଣି ଅକାଳୀ ଦଳ ଏବଂ ବି.ଜେ.ପି. ମଧ୍ୟରେ ପ୍ରମୁଖ ପ୍ରତିଯୋଗିତା ହେଉଛି । ରାଜ୍ୟ ନିର୍ବାଚନ କମିଶନର ରାଜକମଲ ଚୌଧୁରୀ ସୂଚନା ଦେଇଛନ୍ତି, ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ନିର୍ବାଚନ ବାଲାଟ୍ ପେପର ମାଧ୍ୟମରେ ହେବ । ଆଇ.ଏ.ଏସ୍. ଏବଂ ବରିଷ୍ଠ

ପି.ସି.ଏସ୍. ଅଧିକାରୀ ନିର୍ବାଚନ ପରିଦର୍ଶକ ଭାବେ ସମସ୍ତ ଜିଲ୍ଲାରେ ନିଯୁକ୍ତ ହୋଇଛନ୍ତି ଏବଂ ୬ ଜଣ ବରିଷ୍ଠ ଆଇ.ପି.ଏସ୍. ଅଫିସର ପୁଲିସ ପର୍ଯ୍ୟବେକ୍ଷକ ଭାବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ୧୭ ତାରିଖରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

## ଶିବରାଜ ପାଟିଲ୍ - ଷ୍ଟେଟ୍ ଅନରସ୍

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲ୍ଙ୍କ ଶେଷକୃତ୍ୟ ଗତକାଲି ମହାରାଷ୍ଟ୍ରର ଲାଟୁର୍ ଜିଲ୍ଲାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶେଠ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ୍ ଏବଂ କର୍ଣ୍ଣାଟକର ମନ୍ତ୍ରୀ ଈଶ୍ୱର ଖନ୍ଦ୍ରେ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ । ଶ୍ରୀ ପାଟିଲ୍ ୯୧ ବର୍ଷ ବୟସରେ ଗତ ଶୁକ୍ରବାର ଦିନ ଇହଲୀଳା ସମ୍ବରଣ କରିଥିଲେ ।

# ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍ ସମାନ ସ୍ତରରେ ରହିଛି। ବାରବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୧୦୧ ରନ୍‌ରେ ଏବଂ ନିଉ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୧ ରନ୍‌ରେ ବିଜୟୀ ହୋଇଥିଲା।

*****